## ବ୍ୟାପକ ପୋଚ ନଷ୍ଟ କଲା ପୋଲିସ

ବୈଶିଙ୍ଗା,୧।୧୦(ଡି.ଏନ୍.ଏ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ପୋଲିସ ଶନିବାର କଳମା ପଞ୍ଚାୟତର ହରିବଲ୍ଲଭପୁର ଗ୍ରାମରେ ଚଢ଼ାଉ କରି ୧୦୦୦ ଲିଟର ପୋଚ ନଷ୍ଟ କରିଛି। ଏଥିସହ ୩୦ ଲିଟର ବିଷାକ୍ତ ମଦ ଜବତ କରା ଯାଇଥିବା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ସୂତ୍ରରୁ ପ୍ରକାଶ। କାରବାରରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ନଂ. ୨୯୮ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ମିଶ୍ର ସୂଚନା ଦେଇଛନ୍ତି।




# ଗାଁ ଶ୍ମଶାନରେ ଜାଗା ମିଳିଲାନି

## ସୁବର୍ଣ୍ଣରେଖା ନଦୀକୂଳରେ ହେଲା ସତ୍କାର

ଜଳେଶ୍ୱର, ୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ଏକ ଗାଁରେ ଜଣେ ପରିବାର ଦୀର୍ଘବର୍ଷ ଧରି ରହିଆସୁଥିବା ବେଳେ ସାପ କାମୁଡାରେ ଜଣଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ସେ ସ୍ଥାୟୀ ବାସିନ୍ଦା ହୋଇ ନ ଥିବାରୁ ଗ୍ରାମବାସୀ ଶ୍ମଶାନରେ ସତ୍କାର କରିବାକୁ ଦେଇ ନ ଥିବା ଅଭିଯୋଗ ହୋଇଛି । ଦୀର୍ଘ ୧୮ଘଣ୍ଟା ପରେ ସୁବର୍ଣ୍ଣରେଖା ନଦୀକୂଳରେ ଶବ ସତ୍କାର ହୋଇଥିବା ଜଣାଯାଇଛି ।

ଚମାରଗାଁ ପଞ୍ଚାୟତ ଚାଙ୍ଫଲା ଗାଁରେ ହରିଜନ ଶ୍ରେଣୀର ରାମଚନ୍ଦ୍ର ମହାଲଙ୍କ ପରିବାର ପ୍ରାୟ ୧୫ବର୍ଷ ଧରି ବାସ କରିଆସୁଥିଲେ। ତାଙ୍କ ପୁଅ ସୁରେନ୍ଦ୍ର ମାହାଲ (୪୬) ଗତ ୨୯ ତାରିଖ ରାତିରେ ଘରେ ଶୋଇଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ଭୋର ସମୟରେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ଚିକିତ୍ସା ଲାଗି ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେମାନେ ଗାଁରେ ସ୍ଥାୟୀ ବାସିନ୍ଦା ହୋଇ ନ ଥିବାରୁ ଗାଁ ଶ୍ମଶାନରେ ସତ୍କାର କରିବାକୁ ଗ୍ରାମବାସୀ ମନା କରିଦେଇଥିଲେ। ମୃତ୍ୟୁର କାରଣ ଜାଣିବା ପାଇଁ ଗ୍ରାମବାସୀ ଶବ ବ୍ୟବଚ୍ଛେଦ ଲାଗି ହସ୍ପିଟାଲକୁ ପୁଣି ପଠାଇଥିଲେ। ସନ୍ଧ୍ୟା ପୂର୍ବରୁ ଶବ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିଥିଲେ ହେଁ ଗ୍ରାମବାସୀ ଗାଁ ଶ୍ମଶାନରେ ସତ୍କାର କରାଇ ଦେଇ ନ ଥିଲେ। ପରିବାର ଲୋକେ ମୃତଦେହକୁ ରାସ୍ତା ଉପରେ ରଖି ଦୀର୍ଘ ସମୟ ଧରି ପ୍ରତିବାଦ କରିଥିଲେ। ଖବର ପାଇ ରାଇବଣିଆ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ଶେଷରେ ମଧ୍ୟରାତ୍ରୀରେ ପରିବାର ପକ୍ଷରୁ ମୃତଦେହକୁ ନେଇ ସୁବର୍ଣ୍ଣରେଖା ନଦୀକୂଳ ଶିଖରପୁର ଘାଟରେ ସତ୍କାର କରାଯାଇଛି।

# ଦୁର୍ଘଟଣାରେ ଚାଲିଗଲା ଜୀବନ

ଠାକୁରମୁଣ୍ଡା, ୧।୧୦ (ଡି.ଏନ.ଏ.)

**ଝିଅକୁ ହଷ୍ଟେଲରୁ ନେଇ ଘରକୁ ଫେରୁଥିଲେ**

ଦୁର୍ଗାପୂଜା ଛୁଟିରେ ଝିଅକୁ ସ୍କୁଲ ହଷ୍ଟେଲରୁ ନେଇ ଘରକୁ ଫେରୁଥିଲେ। ବାଟରେ ଏକ ବାଇକ୍ ଧକ୍କାରେ ଚାଲିଗଲା ମହିଳାଙ୍କ ଜୀବନ। ମୃତ ମହିଳା ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ ଭଲିଆଡାଳ ଗ୍ରାମ ଢେଙ୍କିଶାଳ ସାହିର ମଙ୍ଗୁଲୁ କାଣ୍ଡିୟାଙ୍ଗଙ୍କ ସ୍ତ୍ରୀ କାଇରୀ। ଶନିବାର ସକାଳ ପ୍ରାୟ ସାଢ଼େ ୬ଟା ବେଳେ ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ମହୁଲଡ଼ିହା ଅଫିସସାହି ନିକଟରେ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, କାଇରୀଙ୍କ ଝିଅ ସୁରୁ ମହୁଲଡ଼ିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢ଼ନ୍ତି। ଦୁର୍ଗା ପୂଜା ପାଇଁ ସ୍କୁଲ ଛୁଟି ହେବାରୁ ସୁରୁଙ୍କୁ ଘରକୁ ଆଣିବାକୁ ସକାଳୁ ମା' କାଇରୀ ଓ ମାମୁ ତୁସିଲ ଦେଓଗାଁମ ଯାଇଥିଲେ। ତାଙ୍କୁ ହଷ୍ଟେଲରୁ ଆଣି ଚାଲି ଚାଲି ୩ଜଣ ଘରକୁ ଫେରୁଥିଲେ। ମହୁଲଡ଼ିହା ଅଫିସସାହି ନିକଟରେ ପଛପଟୁ ଏକ ବାଇକ୍ କାଇରୀଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ମହୁଲଡ଼ିହା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ଅନୁସନ୍ଧାନ କରୁଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


@ ହରପ୍ରିୟା


@ ଝୁନା


@ ନରେଶ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ







# ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା

ଭଦ୍ରକ ଅଫିସ,୧।୧୦- ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ାସ୍ଥିତ କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୩୦ ଉଚ୍ଚ ବିଦ୍ୟାଳୟକୁ ନେଇ ଏହି ପ୍ରତିଯୋଗିତାରେ ୪୦ ବାଳିକା ଓ ୧୫୦ ବାଳକ ଭାଗ ନେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ସେକ୍ ଜଇନୁଲ ଆବେଦିନଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ମୁଖ୍ୟବକ୍ତା ଭାବେ ପୁରୁଷଣ୍ଡ ସମବାୟ ସମିତିର ସଭାପତି ପ୍ରଶାନ୍ତ କୁମାର ଦାଶ ଏବଂ ସମ୍ମାନିତ ଅତିଥି ଭାବେ ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ପ୍ରଧାନଶିକ୍ଷକ ଶରତ କୁମାର ଜେନା, ସିଆର୍‌ସିସି ପ୍ରଫୁଲ୍ଲ କୁମାର ଜେନା, ଶିକ୍ଷକ ରତିଶ ଚନ୍ଦ୍ର ଜେନା, ସୀତାକାନ୍ତ ମଲ୍ଲିକ, ମନୋଜ କୁମାର ଶଙ୍ଖୁଆ ପ୍ରମୁଖ ଯୋଗଦେଇ ପାଠପଢ଼ା ସହ କ୍ରୀଡ଼ାର ଆବଶ୍ୟକତା ଓ ଉପାଦେୟତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ତଳିରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।






## ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବୟୋଜ୍ୟେଷ୍ଠଙ୍କୁ ପ୍ରଶଂସାପତ୍ର

ସୋର, (ଡି.ଏନ୍.ଏ.)-ସୋର ମ୍ୟୁନିସିପାଲିଟି ପକ୍ଷରୁ ଦେଶର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଦୀର୍ଘବର୍ଷ ଧରି ମତାଧିକାର ସାବ୍ୟସ୍ତ କରି ଗଣତନ୍ତ୍ରକୁ ସଫଳ କରିଥିବା ବୟୋଜ୍ୟେଷ୍ଠଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ପୌରପାଳିକା ଅଧ୍ୟକ୍ଷ ମାଧବ ଧଡା, ଉପାଧ୍ୟକ୍ଷା ସସ୍ମିତା ଦାସ ମିଳିତ ଭାବେ ରାଇପୁର ଗ୍ରାମର ୧୦୩ ବର୍ଷୀୟା ବାୟାଣୀ ଜେନା, ଲିଙ୍ଗପଡା ଗ୍ରାମର ରମା ବେହେରା ଓ ଇଟୁଆ ମୂଳେଶ୍ୱର ମୌଜାର ସାରା ବିବିଙ୍କୁ ଏହି ପ୍ରମାଣପତ୍ର ସହ ବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଜିଲାସ୍ତରୀୟ ୧୫୩ତମ ଗାନ୍ଧୀ ଜୟନ୍ତୀ। ସ୍ଥାନ: ଗାନ୍ଧୀ ସ୍ମୃତିଭବନ। ସମୟ: ଦିବସବ୍ୟାପୀ।
- ବିଜେଡିର ଜନସମ୍ପର୍କ ପଦଯାତ୍ରା। ସ୍ଥାନ: ସହିଦ ପାର୍କ, ସିନେମା ଛକ। ସମୟ: ପୂର୍ବାହ୍ନ ୯ଟା।
- ମିଳିତ ନିଶା ନିବାରଣ ଅଭିଯାନର ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ। ସ୍ଥାନ: ସହିଦ ପାର୍କ, ସିନେମା ଛକ। ସମୟ: ପୂର୍ବାହ୍ନ ୯ଟା ୩୦ ମିନିଟ୍।

**ମୟୂରଭଞ୍ଜ**

- ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସଂଘ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ଅନ୍ତେବାସୀଙ୍କୁ ବସ୍ତ୍ର ଦାନ କାର୍ଯ୍ୟକ୍ରମ, ସ୍ଥାନ: ପାଲବଣୀ, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**

- ଶହୀଦ ତୀର୍ଥଯାତ୍ରୀ ସଙ୍ଗଠନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ଛକ, ବାସୁଦେବପୁର, ସମୟ: ସକାଳ ୮ଟା।
- ଗାନ୍ଧୀ ଜୟନ୍ତୀ ସମାରୋହ, ସ୍ଥାନ: ରଥପଦା, ଇରମ, ବାସୁଦେବପୁର, ସମୟ: ସକାଳ ୯ଟା।
- ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ନୀଳମଣି ଟାଉନହଲ୍ ପରିସର, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**

- ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉତ୍ସବ ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା। ସ୍ଥାନ: ଦରବାର ହଲ୍, କେନ୍ଦୁଝର, ସମୟ: ସକାଳ ୮.୩୦
- ଦୁର୍ଗାପୂଜା ଉପଲକ୍ଷେ ରିଜର୍ଭ ପୋଲିସ ଠାରେ କଣ୍ଢେଇ ନାଚ, ସ୍ଥାନ: ରିଜର୍ଭ ପୋଲିସ ପରିସର, ସମୟ: ସନ୍ଧ୍ୟା ୫ଟା

# ବର୍ଷକୁ ୪ଥର ନବରାତ୍ରି

### ମା' ବଗଳାମୁଖୀଙ୍କ ପୀଠରେ ଶାରଦୀୟ ପୂଜା

### ବାର୍ଷିକ ଉତ୍ସବରେ ଲାଗେ ୧୦୦୮ ପ୍ରକାର ଭୋଗ

ବାଲେଶ୍ୱର ଅଫିସ, ୧।୧୦

ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ା ନିକଟରେ ଥିବା ଶ୍ରୀ ପିତାମ୍ବରା ସିଦ୍ଧ ମହାଶକ୍ତି ପୀଠରେ ଶାରଦୀୟ ଦୁର୍ଗୋତ୍ସବ ଅବସରରେ ମା' ବଗଳାମୁଖୀଙ୍କ ପୂଜାର୍ଚ୍ଚନା ଚାଲିଛି। ଶତ୍ରୁର ସଂହାର ପାଇଁ ଧରାପୃଷ୍ଠକୁ ଓହ୍ଲାଇ ଆସିବେ ଦୁର୍ଗତିନାଶିନୀ। ମା'ଙ୍କ ଆବାହନ ନେଇ ସଜେଇ ହେଲାଣି ପୂଜାମଣ୍ଡପ। ମା'ଙ୍କ ଷୋଡ଼ଶ ଉପଚାର ପୂଜା ୯ଟି ବେଶ ଦର୍ଶନ କରିବା ପାଇଁ ଭକ୍ତଙ୍କ ସୁଅ ଛୁଟିଛି।

ମା' ବଗଳାମୁଖୀଙ୍କ ପୀଠର ଅନେକ ମହାତ୍ମ୍ୟ ରହିଛି। ଯେକେହି ବି ଏଠାକୁ ଆସିଲେ ଖାଲି ହାତରେ ଫେରନ୍ତି ନାହିଁ ବୋଲି ବିଶ୍ୱାସ ରହିଛି। ଶ୍ରୀ ପିତାମ୍ବରା ସିଦ୍ଧ ମହାଶକ୍ତି ପୀଠରେ ମୁଖ୍ୟ ଦେବତା ହେଲେ ମା' ବଗଳାମୁଖୀ। ଦଶ ମହାବିଦ୍ୟା ମଧ୍ୟରୁ ମା' ବଗଳାମୁଖୀ ହେଉଛନ୍ତି ଅଷ୍ଟମ ମହାବିଦ୍ୟା। ଗର୍ଭଗୃହରେ ମା'ଙ୍କ ଚାରିପାଖରେ ଦଶ ମହାବିଦ୍ୟା ବିରାଜିତ। ମା'ଙ୍କ ଗଣପତି ହେଉଛନ୍ତି ହରିଦ୍ରା ଗଣେଶ ଏବଂ ରୁଦ୍ର ହେଉଛନ୍ତି ମହାମୃତ୍ୟୁଞ୍ଜୟ ବାବା, ମା'ଙ୍କ ଆଗରେ ବିରାଜମାନ କରିଛନ୍ତି। ସେହିପରି ମା'ଙ୍କ ପୀଠର ଚତୁଃପାର୍ଶ୍ୱରେ ବଟୁକ, ଭୈରବ, କ୍ଷେତ୍ରପାଳ ଯୋଗିନୀ ଆଦି ଦେବାଦେବୀ ରହିଛନ୍ତି। ମା'ଙ୍କ ସମସ୍ତ ଶକ୍ତି ପୂଜା ରୀତିନୀତିରେ ଅନୁଷ୍ଠିତ ହୋଇଥାଏ। ତେବେ ଏହି ପୀଠରେ ଏକ ନିଆରା ପରମ୍ପରା ରହିଛି। ବର୍ଷକରେ ମା'ଙ୍କ ପାଖରେ ୪ ଥର ନବରାତ୍ର ପୂଜା କରାଯାଏ। ଦୁଇଟି ଗୁପ୍ତ ନବରାତ୍ର ପୂଜା ଥିବା ବେଳେ ଅନ୍ୟ ଦୁଇଟି ବାସନ୍ତୀକ ନବରାତ୍ର ଓ ଶାରଦୀୟ ନବରାତ୍ର ପୂଜା ହୋଇଥାଏ। ମାଘ ଓ ଆଷାଢ଼ ମାସରେ ପଡୁଥିବା ଦୁଇଟି ନବରାତ୍ରକୁ ଗୁପ୍ତ ନବରାତ୍ର ଭାବେ ପାଳନ କରାଯାଇଥାଏ। ସେହିପରି ଶାରଦୀୟ ଓ ବାସନ୍ତୀକ ନବରାତ୍ରରେ ମା'ଙ୍କ ଷୋଳପୂଜା ମୂଳାଷ୍ଟମୀରୁ ଆରମ୍ଭ ହୋଇଥାଏ।

ଏନେଇ ପୀଠ ଆଚାର୍ଯ୍ୟ ଆଦିତ୍ୟ ନାରାୟଣ ମିଶ୍ର କହନ୍ତି, 'ମୂଳାଷ୍ଟମୀ ପାଖରୁ ବଗଳାମୁଖୀଙ୍କ ପ୍ରତିଦିନ ଅଭିଷେକ, ଯନ୍ତ୍ରପୂଜା ଓ ଉପଚାର ହୋଇଥାଏ। ନବରାତ୍ର ପାଖରୁ ନବପତ୍ରିକା



ମା' ବଗଳାମୁଖୀ।

ଘଟ ସ୍ଥାପନ କରାଯାଇ ନବଦୁର୍ଗାଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ପ୍ରତିଦିନ ଚଣ୍ଡୀ, ଉପଚାର, ହୋମ, ଯନ୍ତ୍ରପୂଜା ଆଦି କରାଯାଇଥାଏ।' ମହାସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ପୀଠରେ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ମହାସପ୍ତମୀଠାରୁ ଦଶମୀ ଯାଏ ମା'ଙ୍କ ବିଭିନ୍ନ ବେଶ ହୋଇଥାଏ। ନୀଳ ସରସ୍ୱତୀ ବେଶ, ମହାଲକ୍ଷ୍ମୀ ବେଶ ଓ ବଗଳାମୁଖୀ ବେଶରେ ଦର୍ଶନ ଦିଅନ୍ତି। ଅଷ୍ଟମୀ ପୂଜା ସରିବା ପରେ ମା' ବଗଳାମୁଖୀଙ୍କର ଆହୁତି ଯଜ୍ଞମଣ୍ଡପରେ ହୋଇଥାଏ। ସେହିଠାରେ ସ୍ୱତନ୍ତ୍ର ଆହୂତି ଦିଆଯାଇଥାଏ। ନବମୀ ଦିନ ପରମ୍ପରା ଅନୁଯାୟୀ ଭକ୍ତମାନେ ଗୁରୁପୂଜା କରିଥାନ୍ତି। ସନ୍ଧ୍ୟାରେ ପୁଣି ମା' ଯଜ୍ଞମଣ୍ଡପକୁ ଯାଇଥାନ୍ତି ଓ ଆହୂତି ପ୍ରଦାନ କରାଯାଇଥାଏ। ଦଶହରା ଦିନ ଅପରାଜିତା ବେଶରେ ଦର୍ଶନ ଦିଅନ୍ତି ବଗଳାମୁଖୀ। ଏହିଦିନ ମା'ଙ୍କ ପୂଜାର୍ଚ୍ଚନା ଶେଷ ହୋଇଥାଏ। ମା'ଙ୍କ ବାର୍ଷିକ ଉତ୍ସବରେ ୧୦୦୮ ପ୍ରକାର ଭୋଗ ଲାଗି ହୋଇଥାଏ। ବଗଳାମୁଖୀଙ୍କ ଷୋଡ଼ଶ ଉପଚାର ପୂଜାରେ ଭକ୍ତଙ୍କ ସୁଅ ଛୁଟେ। କୁହାଯାଏ ମା'ଙ୍କ ମହିମା ପାଇ ଭକ୍ତ ସବୁ ବିପଦରୁ ମୁକ୍ତି ପାଇଥାଏ। ଦୀର୍ଘ ଦୁଇବର୍ଷ ପରେ ପୁଣି ଭକ୍ତ ଓ ମା' ଏକାଠି ହୋଇଛନ୍ତି।

## ଗୁରୁତୁଆଁରେ ୧୮ ହାତୀଙ୍କ ଉପଦ୍ରବ

### ଲୋକେ ଆତଙ୍କିତ

ଯୋଡ଼ା,୧।୧୦(ଡି.ଏନ୍.ଏ)

କେନ୍ଦୁଝର ଜିଲା ଯୋଡ଼ା ବନଖଣ୍ଡ ଅଧୀନ ଗୁରୁତୁଆଁ ବଡ଼ବିଲ ସାହି ଜଙ୍ଗଲରେ ୧୮ ଟିକିଆ ହାତୀପଲ ଉପଦ୍ରବ କରୁଛନ୍ତି। ହାତୀପଲ ନିକଟସ୍ଥ ଗ୍ରାମରେ ପଶି ପନିପରିବା, ଧାନ ଚାଷକୁ ଦଳି ଚକଟି ନଷ୍ଟ କରିଦେଉଛନ୍ତି। ବନ ବିଭାଗ ସୂଚନା ମୁତାବକ ଉକ୍ତ ପଲର ୩ ଦନ୍ତା, ୧୧ମାଇ, ଓ ୪ ଛୁଆ ହାତୀ ବିଚରଣ କରୁଛନ୍ତି। ହାତୀପଲ ବନ୍ଧୁଆବେଡ଼ା, ଭଣ୍ଡାରଡିହି, ବେଲଦା ଜଙ୍ଗଲରେ ପ୍ରାୟ ୪ ଦିନ ରହିବା ପରେ ବଡ଼ବିଲ ସାହି ଜଙ୍ଗଲକୁ ଆସିଛନ୍ତି। ଏ ସମ୍ପର୍କରେ ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବନ ବିଭାଗ ପକ୍ଷରୁ ହାତୀ ସ୍କ୍ୱାଡ୍ ନିୟୋଜିତ ହେବା ସହ ସେ ନିଜେ ପ୍ରତ୍ୟକ୍ଷ ଭାବେ ରାତିରେ ରହି ହାତୀପଲଙ୍କ ଗତିବିଧି ଉପରେ ନଜର ରଖୁଛନ୍ତି। ବିଦ୍ୟୁତ୍ ବିଭାଗ, ରେଳ ମନ୍ତ୍ରଣାଳୟ ସହିତ ସମନ୍ୱୟ ରକ୍ଷା କରି ହାତୀପଲଙ୍କ ଗତିବିଧି ଉପରେ ନିରୀକ୍ଷଣ କରାଯାଉଛି।

## ତଦନ୍ତ ନିର୍ଦ୍ଦେଶ ଦେଲେ ପିଡି ଡିଆର୍‌ଡିଏ

### ପ୍ଲାଷ୍ଟର ଖସି ୭ ଛାତ୍ରୀଛାତ୍ର ଆହତ ଘଟଣା

କେନ୍ଦୁଝର,୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅର୍ଜୁନବିଲା ପ୍ରାଥମିକ ବିଦ୍ୟାଳୟ ସିଲିଂରୁ ପ୍ଲାଷ୍ଟର ଖସି ୭ ଜଣ ଆଦିବାସୀ ଛାତ୍ରୀଛାତ୍ର ଆହତ ହୋଇଥିଲେ। ଘଟଣାକୁ ପ୍ରଶାସନ ଗୁରୁତର ସହ ନେଇଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି ଡିଆର୍‌ଡିଏ) ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଘଟଗାଁ ବିଡିଓଙ୍କୁ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପରିଷଦ କାର୍ଯ୍ୟାଳୟର ଚିଠି ନଂ. ୫୫୬୨, ୩୦ ସେପ୍ଟେମ୍ବର ୨୦୨୨ରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଗାଁ ବିଡିଓ ନାରାୟଣ ସାହୁ ଶନିବାର ଅର୍ଜୁନବିଲା ସ୍କୁଲ ଯାଇ ତଦନ୍ତ କରିଛନ୍ତି। ସ୍କୁଲ ମରାମତି ସମୟରେ ଠିକ୍ ତଦାରଖ ହୋଇ ନ ଥିବାରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗତ ୨ମାସ ତଳେ ୨ଲକ୍ଷ ୬୦ ହଜାର ଟଙ୍କାରେ ପଞ୍ଚାୟତ ସମିତି ପକ୍ଷରୁ ଏହାର ମରାମତି କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ଅନ୍ନପୂର୍ଣ୍ଣା ଘଡ଼େଇଙ୍କ ନାମରେ ବିଭାଗୀୟ କାର୍ଯ୍ୟାଦେଶ ହୋଇଥିବା ବେଳେ ଗଦାଧରପୁର ପଞ୍ଚାୟତର କନିଷ୍ଠଯନ୍ତ୍ରୀ ସସ୍ମିତା ହେମ୍ବ୍ରମ ଏହାର ତଦାରଖ ପାଇଁ ନିର୍ଦ୍ଦେଶ ରହିଥିଲା। ସରକାରୀ ଅର୍ଥ ବିନିଯୋଗ ସମୟରେ ସ୍ୱଚ୍ଛତା ରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ବିଦ୍ୟାଳୟରେ ପାଠ ପଢୁଥିବା ଆଦିବାସୀ ଛାତ୍ରୀଛାତ୍ର ବିପଦର ସମ୍ମୁଖୀନ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଥିବା ୩୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି।

## ଗୁରୁତର ଅବସ୍ଥାରେ ମହିଳା ଉଦ୍ଧାର

ମୋରଡ଼ା,୧।୧୦ (ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଅସ୍ତିଆ ନିକଟ ଏକ ନିଛାଟିଆ ସ୍ଥାନରୁ ଶନିବାର ଗୁରୁତର ଅବସ୍ଥାରେ ମହିଳାଙ୍କୁ ପୋଲିସ ଉଦ୍ଧାର କରିଛି। ତାଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ କି ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ଅସ୍ତିଆ ନିକଟ ଏକ ନିଛାଟିଆ ସ୍ଥାନରେ ଜଣେ ମହିଳା ଗୁରୁତର ଅବସ୍ଥାରେ ପଡ଼ିଥିଲେ। ଲୋକେ ଦେଖି ପୋଲିସ ଏବଂ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ମୋରଡ଼ା ଥାନା ଏବଂ ଚିତ୍ରଡ଼ା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କୁ ଚିକିତ୍ସା ନିମନ୍ତେ ଦମକଳ ଗାଡ଼ିରେ ନିକଟସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମହିଳାଙ୍କ ବେକରେ ଧାରୁଆ ଅସ୍ତ୍ରରେ କଟାଯାଇଛି। ମହିଳାଙ୍କ ଶ୍ୱଶୁର ଘର ମାଣିଦା ଏବଂ ବାପଘର ରାଣୀଭୋଳ ଅଞ୍ଚଳରେ। ତାଙ୍କ ନାମ ଗୀତାରାଣୀ ହାଁସଦା ବୋଲି ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସ୍ପଞ୍ଜ ଲୁହା କାରଖାନା ଆଗରେ ୩ ପଞ୍ଚାୟତବାସୀଙ୍କ ଧାରଣା



ଧାରଣାରତ ପଞ୍ଚାୟତବାସୀ।

### ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବି

କେନ୍ଦୁଝର,୧।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ବ୍ଲକ୍ ପଳାଶପଙ୍ଗାସ୍ଥିତ ଓଡ଼ିଶା ସ୍ପଞ୍ଜ ଲୁହା କାରଖାନା ଆଗରେ ସ୍ଥାନୀୟ କ୍ଷତିଗ୍ରସ୍ତ ୩ ପଞ୍ଚାୟତବାସୀ ନିଯୁକ୍ତି ଦାବିରେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ୪ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟା ଲିଳାବତୀ ମହାନ୍ତ, ପଳାଶପଙ୍ଗା ସରପଞ୍ଚ ବାସନ୍ତୀ ନାଏକ ଓ ସମିତି ସଭ୍ୟ ସଞ୍ଜୟ ନାୟକ, ରାଇକଳା ସରପଞ୍ଚ ପ୍ରମୋଦ ନାଏକ ଓ ସମିତି ସଭ୍ୟା ଦୌପ୍ରଦୀ ମହାନ୍ତ, କଣ୍ଡରାପଶି ସରପଞ୍ଚ ସାବିତ୍ରୀ ନାଏକ ଓ ସମିତି ସଭ୍ୟ ଲଛମନ ମୁଣ୍ଡା ଏବଂ ଝୁମ୍ପୁରା ସରପଞ୍ଚ ରେବତୀ ବିରୁଆ ସାମିଲ ହୋଇଛନ୍ତି। ପ୍ରକାଶ ଯେ, ଉକ୍ତ କାରଖାନା ଅଞ୍ଚଳ ଲୋକଙ୍କ ଜୀବନଜୀବିକା ହୋଇ ରହିଥିଲା। ପ୍ରାୟ ୮ ବର୍ଷ ତଳେ କାରଖାନା ବନ୍ଦ ହୋଇଯିବାରୁ ଲୋକମାନେ ବହୁ ଅସୁବିଧା ମଧ୍ୟରେ ରହିଛନ୍ତି। ମାସକ ତଳେ କାରଖାନା ପୁନଃ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳି ନ ଥିଲା। ଏ ନେଇ ପଳାଶପଙ୍ଗା, ରାଇକଳା ଓ କଣ୍ଡରାପଶି ପଞ୍ଚାୟତବାସୀ ଶନିବାର ଧାରଣା ଦେଇଛନ୍ତି। ଧାରଣା ଫଳରେ କାରଖାନା କାମ ବ୍ୟାହତ ହୋଇଛି। କାରଖାନାରର ମୁଖ୍ୟ ପରିଚାଳନା ଅଧିକାରୀ କବଲଦୀପ ସାହାଣୀ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଶିକ୍ଷାଗତ ଯୋଗ୍ୟତା ଆଧାରରେ ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ଏବଂ ସ୍ଥାନୀୟ ଲୋକଙ୍କୁ ଠିକାକାମ ଦେବା ପାଇଁ ସହମତି ହୋଇଥିଲେ। ମାତ୍ର କାରଖାନାର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହିତ ଆଲୋଚନା ପରେ କୌଣସି ପ୍ରତିଶ୍ରୁତି ଦେଇପାରିବେ ବୋଲି କହିଥିଲେ। ଏହାକୁ ନେଇ ଆନ୍ଦୋଳନକାରୀ ଅସନ୍ତୋଷ ବ୍ୟକ୍ତ କରି ଧାରଣା ଜାରି ରଖିଛନ୍ତି। ଆଇନଶୃଙ୍ଖଳା ରକ୍ଷା ପାଇଁ ଆନ୍ଦୋଳନ ସ୍ଥଳରେ ପୋଲିସ ମୁତୟନ ହୋଇଛି।

## ଭାଲୁ ଆକ୍ରମଣରେ ୨ ଯାଆ ଆହତ

ଠାକୁରମୁଣ୍ଡା, ୧।୧୦ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକର ସାତକୋଶିଆ ରେଞ୍ଜ ଅନ୍ତର୍ଗତ ମହୁଲଡ଼ିହା ପଞ୍ଚାୟତ ଜମୁନାଳିଆ ଗ୍ରାମରେ ଶନିବାର ପୂର୍ବାହ୍ନରେ ଭାଲୁ ଆକ୍ରମଣରେ ୨ ଯାଆ ଆହତ ହୋଇଛନ୍ତି। ଉଭୟଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଆହତ ଦୁଇ ମହିଳା ହେଲେ ଗ୍ରାମର ସୁକୁମାରୀ ନାଏକ ଓ ତାଙ୍କ ଯାଆ ପଦ୍ମାବତୀ ନାଏକ। ସେମାନେ ଗ୍ରାମ ନିକଟ ଜଙ୍ଗଲ କଡ଼ରେ ଥିବା ଧାନ ବିଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି।

## ୧୦ଫୁଟ୍‌ର ଅଜଗର ଉଦ୍ଧାର

ନୀଳଗିରି, ୧।୧୦(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ୪ ନମ୍ବର ୱାର୍ଡ଼ ମଧୁବନ ଗ୍ରାମର ଗୌରୀ ସିଂଙ୍କ ଛେଳିକୁ ଏକ ଅଜଗର ଗିଳିବା ପାଇଁ ଚେଷ୍ଟା କରୁଥିବା ବେଳେ ଛେଳିର ଚିତ୍କାର ଶୁଣି ଘର ଲୋକେ ପହଞ୍ଚିଥିଲେ। ଏନେଇ ସାପ ଧରାଳୀଙ୍କୁ ଖବର ଦେବା ପରେ ଜଗବନ୍ଧୁ ବେହେରା ଓ ହରେକୃଷ୍ଣ ରାଉତ ପହଞ୍ଚି ଅଜଗର କବଳରୁ ଛେଳିକୁ ଉଦ୍ଧାର କରିଥିଲେ। ଅଜଗରର ଲମ୍ବ ପ୍ରାୟ ୧୦ଫୁଟ୍ ହେବ। ପରେ ସାପକୁ ନେଇ ପାଖ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

## ଖବରଦାତାଙ୍କ ପରଲୋକ

ବେତନଟୀ, ୧।୧୦ (ଡି.ଏନ.ଏ./ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକର ବରିଷ୍ଠ ଖବରଦାତା ରଞ୍ଜନ ମହାନ୍ତି (୫୪)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ପ୍ରଭାତୀ ମହାନ୍ତି, ଏକମାତ୍ର ପୁଅ ହିତେଶ ମହାନ୍ତି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ମୃତଶରୀର ଶନିବାର ବେତନଟୀରେ ପହଞ୍ଚିବା ପରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସ୍ଥାନୀୟ ଖବରଦାତା, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରେ ମୃତଶରୀର ବଜାର ପରିକ୍ରମା କରାଯାଇ ବେତନଟୀ ଆମ୍ବଯୋଡାସ୍ଥିତ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ

ଔପଦା, ୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଆନୁକୂଲ୍ୟରେ ଶନିବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମହିଳା ଗୋଷ୍ଠୀର ମହିଳା, ସିଆର୍‌ପି ଓ ଏମ୍‌ବିକେମାନେ ହାତରେ ଝାଡୁ ଧରି ପ୍ରଥମେ ଔପଦା ଡାକ୍ତରଖାନା ପରିସରକୁ ସଫେଇ କରିଥିଲେ। ପରେ ଔପଦା ବଜାର ସହ ତଳକିଆ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ ପରିସରକୁ ସଫେଇ କରାଯାଇଥିଲା। ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ହାତରେ ଝାଡୁ ଧରି ପ୍ରଥମେ ସଫେଇ କରିଥିଲେ। ପରେ ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିସ୍ମା ପାତ୍ର, ଜିଲା ପରିଷଦ ସଭ୍ୟା ମୁନି ସିଂ, ଉପାଧ୍ୟକ୍ଷ ପ୍ରଭାକର ସାହୁ, ବିଡିଓ ଅଭିଷେକ ଦାଶ, ତଳକିଆ ସରପଞ୍ଚ ଦିପ୍ତୀରାଣୀ ନାୟକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ପପୁ ଭୂୟାଁ, ବ୍ଲକ ସ୍ୱଚ୍ଛ ଭାରତ ସଂଯୋଜକ ପ୍ରିୟବ୍ରତ ପଣ୍ଡା, ନାରୀନେତ୍ରୀ ସୁମତି ମହାନ୍ତି ଓ ମଧୁରମାଳିନୀ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ଉତ୍ତମ ସ୍ୱାସ୍ଥ୍ୟ ଲାଗି ଆୟୁର୍ବେଦ ଆବଶ୍ୟକ

ଚମ୍ପୁଆ,୧।୧୦(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ବିଏନକେ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରୁଷୋତ୍ତମପୁରଠାରେ ଆୟୁଷ ବିଭାଗ ତରଫରୁ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡ. ବନମାଳୀ ପାତ୍ର ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଆୟୁର୍ବେଦର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିସହ ଏହାର ବ୍ୟବହାର ଓ ସୁସ୍ଥ ଶରୀର ବିଷୟରେ ଏହାର ପ୍ରଭାବ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ହେମନ୍ତ ପାତ୍ର, ଡ. ଅନୁସୂୟା ବେହେରା, ଡ. ଅସନୀ ସାହୁ, ଡ. କୃଷ୍ଣ ବଲ୍ଲଭ ନାୟକ, ଡ. ଦୀପ୍ତିମୟୀ ନାଏକ, ବିଦ୍ୟାଳୟର ଅତିରିକ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଏକ ଯୋଗଦେଇଥିଲେ। ଡ. ବିଶ୍ୱରଞ୍ଜନ ମହାନ୍ତ ପରିଚାଳନା କରିଥିବା ବେଳେ ସ୍କୁଲ୍ ପରିସରରେ ଔଷଧୀୟ ବୃକ୍ଷ ରୋପଣ କରାଯିବା ସହିତ ଛାତ୍ରୀଛାତ୍ରଙ୍କୁ ଯୋଗାଭ୍ୟାସ କରାଯାଇଥିଲା।

## ନ୍ୟାୟ ଦାବିରେ ଟାୟାର ଜାଳି ରାସ୍ତାରୋକୋ



ମାଳଦା ବଜାରଠାରେ ରାସ୍ତାରୋକୋ କରିଛନ୍ତି ଲୋକେ।

### ବଧୂହତ୍ୟା ଘଟଣାରେ ଶାଶୁ ଗିରଫ

ଭଣ୍ଡାରିପୋଖରୀ, ୧।୧୦ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ଗ୍ରାମର ଉଲ୍ଲାସିନୀ ପରିଡ଼ାଙ୍କୁ ହତ୍ୟା ଘଟଣାରେ ତାଙ୍କ ବାପଘର ପକ୍ଷରୁ ନ୍ୟାୟ ଦାବି କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶନିବାର ଅପରାହ୍ନରେ ମୃତ ଉଲ୍ଲାସିନୀଙ୍କ ବାପଘର ଲୋକଙ୍କ ଶତାଧିକ ସମର୍ଥକ ମାଳଦା ବଜାରଠାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଭଦ୍ରକ ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ଶାଶୁଘର ଲୋକେ ଗାଁକୁ ନେବା ପରେ ଉତ୍ତେଜନା ଦେଖାଦେଇଥିଲା। ଉଲ୍ଲାସିନୀଙ୍କ ବାପା ଯାଜପୁର ଜିଲା ମୋଟରାଙ୍ଗପାଳର ବନମାଳୀ ପରିଡ଼ାଙ୍କ ସମେତ ଗାଁର ଶତାଧିକ ମହିଳା ଓ ପୁରୁଷ ମାଳଦା ବଜାରଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ମୃତ ଉଲ୍ଲାସିନୀଙ୍କ ଶାଶୁ, ସ୍ୱାମୀ ଓ ଦିଅରମାନଙ୍କୁ ଗିରଫ କରାଯିବା ପାଇଁ ସେମାନେ ଅଡ଼ି ବସିଥିଲେ। ଭଣ୍ଡାରିପୋଖରୀ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ହେଁ ସେମାନେ ରାସ୍ତାରୋକୋ ଜାରି ରଖିଥିଲେ। ସନ୍ଧ୍ୟାରେ ପୋଲିସ ମୃତ ଉଲ୍ଲାସିନୀଙ୍କ ଶାଶୁ ପ୍ରେମ ପରିଡ଼ାଙ୍କୁ ଗିରଫ କରିଥିବା ବେଳେ ଆଉ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ଜାଣିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ଉଲ୍ଲାସିନୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ବନମାଳୀ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ। ମୃତ ଉଲ୍ଲାସିନୀଙ୍କ ଶ୍ୱଶୁର କେଶବ ପରିଡ଼ାଙ୍କୁ ପୋଲିସ ଗିରଫ କରିଥିଲା। ଏନେଇ ଥାନାରେ ହତ୍ୟା ମାମଲା (ନଂ.୩୨୪/୨୨) ରୁଜୁ କରାଯାଇଛି।

## ଏକତରଫା ପ୍ରେମରେ ବିଫଳରୁ ହତ୍ୟାକାଣ୍ଡ

### ଯୁବକଙ୍କୁ ହତ୍ୟା ଘଟଣା

### ମୃତଦେହ ରଖି ରାସ୍ତା ଅବରୋଧ

ଧୂଷୁରୀ, ୧।୧୦

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ପାଳସାହି ପଞ୍ଚାୟତର ବଳସାହି ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଭୁଜାଲିରେ ଆକ୍ରମଣ କରି ଦେବାଶିଷ ପ୍ରଧାନ ନାମକ ଯୁବକଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଦେବାଶିଷଙ୍କୁ ହତ୍ୟା ଘଟଣାକୁ ନେଇ ଶନିବାର ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଅଭିଯୁକ୍ତ ଯୁବକଙ୍କୁ ଫାଶୀ ଦେବା ସହ ତାଙ୍କ ବାପାଙ୍କୁ ଗିରଫ ଓ ପରିବାରକୁ ଗ୍ରାମରୁ ବିଦା କରାଯିବା ପାଇଁ ଦେବାଶିଷଙ୍କ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ମୃତଦେହ ଭଦ୍ରକ-ଆରଡ଼ି ରାସ୍ତାର ବଳସାହି ଛକଠାରେ ରଖି ସେମାନେ ରାସ୍ତା ଅବରୋଧ କରିଥିଲେ। ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ଧୂଷୁରୀ ଥାନାଧିକାରୀ ସୁକାନ୍ତି କେରେଇ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ରିପୋର୍ଟ ଲେଖାହେବା ବେଳକୁ ଉତ୍ତେଜନା ଜାରି ରହିଥିଲା। ତେବେ ଏକତରଫା ପ୍ରେମରେ ବିଫଳରୁ ଏହି ହତ୍ୟାକାଣ୍ଡ ଘଟିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଧୂଷୁରୀ ଥାନାଧିକାରୀ କେରେଇ କହିଛନ୍ତି।



ଭଦ୍ରକ-ଆରଡ଼ି ରାସ୍ତାର ବଳସାହି ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ପ୍ରକାଶ ଯେ, ଉକ୍ତ ପଞ୍ଚାୟତ ସାଆଁଳପୁର ଗ୍ରାମର ନନ୍ଦକିଶୋର ଜେନା ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ୬ ମାସ ତଳେ ତାଙ୍କୁ ଅପହରଣ କରିନେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ନନ୍ଦକିଶୋରଙ୍କୁ ଗିରଫ କରି ଜେଲ ପଠାଇ ଦେଇଥିଲା। ଆପୋଷ ସମାଧାନ ପରେ ନନ୍ଦକିଶୋର ଜେଲରୁ ମୁକୁଳିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ନନ୍ଦକିଶୋର ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ତାଙ୍କ ଘର ନିକଟସ୍ଥ ବାପୁଜୀ ହାଇସ୍କୁଲ ଛକ ନିକଟରେ ଉକ୍ତ ଯୁବତୀଙ୍କ ସାନଭାଇ ଦେବାଶିଷଙ୍କୁ ଭୁଜାଲିରେ ଆକ୍ରମଣ କରି ହତ୍ୟା କରିଥିଲେ। ପୋଲିସ ଅଭିଯୁକ୍ତ ନନ୍ଦକିଶୋରଙ୍କୁ ସାଆଁଳପୁର ବିଦ୍ୟୁତ୍ ଷ୍ଟ୍ରକ୍‌ଚର ପାଖରୁ ଗିରଫ କରିଥିଲା। ଏନେଇ ମୃତ ଦେବାଶିଷଙ୍କ ମା' ସୁଶୀଳା ପ୍ରଧାନଙ୍କ ଅଭିଯୋଗକ୍ରମେ ଧୂଷୁରୀ ଥାନାରେ ଏକ ହତ୍ୟା ମାମଲା (ନଂ. ୩୧୦/୨୨) ରୁଜୁ କରାଯାଇଛି।

**ଶତାୟୁ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା**

ଖଇରା, (ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ତୋରାଣୀପଦା ଗ୍ରାମର ଶତାୟୁ ପୁରୁଷ ମଣ୍ଟୁ ଦାସ (୧୦୧) ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ବ୍ଲକ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ଖଇରା ବ୍ଲକ ବିଡ଼ିଓ ପର୍ଶୁରାମ ପଣ୍ଡା ଏବଂ ଗ୍ରାମପଞ୍ଚାୟତ ଅଧିକାରିଣୀ ସାଲିମା ରାଉତ ପ୍ରମୁଖ ଶନିବାର ମଣ୍ଟୁ ଦାସଙ୍କର ବାସଭବନରେ ପହଞ୍ଚି ଫୁଲତୋଡ଼ା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଭରତ କୁମାର ସାହୁ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଅବସର ନେଲେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

ବାରିପଦା ଅଫିସ, ୧।୧୦: ମୟୂରଭଞ୍ଜ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଶୁକ୍ରବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ନାୟକ ୨୦୦୮ରୁ ଦାୟିତ୍ୱ ନେଇଥିଲେ। ସେ ଜଣେ ମିଷ୍ଟଭାଷୀ, ସାହିତ୍ୟିକ ଥିଲେ। ସରକାରୀ ଯୋଜନା ତଥା କାର୍ଯ୍ୟକ୍ରମଗୁଡିକର ପ୍ରଚାର ପ୍ରସାର କରିବା ପାଇଁ ଦିନରାତି କାର୍ଯ୍ୟ କରୁଥିଲେ । ଖବରଦାତା ଓ କ୍ୟାମେରାମ୍ୟାନ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ହରେକୃଷ୍ଣ ପାତ୍ର, ଲଳିତ ବାରିକ, ଦେବେନ୍ଦ୍ର ନାଥ ଦାଶ ଓ ଅଭିଷେକ ଖଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍ ସହ ପିସ୍ତଲ ଜବତ, ୨ ଗିରଫ

ଯୋଡ଼ା,୧।୧୦(ଡି.ଏନ୍.ଏ): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ତଥା ୫୨୦ ନଂ ଜାତୀୟ ରାଜପଥର ଲହଣ୍ଡା ନିକଟରୁ ପୋଲିସ ଏକ ନମ୍ବର ବିହୀନ ବାଇକ ସହ ପିସ୍ତଲ ଜବତ କରିଛି। ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଭଦ୍ରାସାହି ଅଞ୍ଚଳର ମଦନମୋହନ ବେହେରା, ସେରେଣ୍ଡା ଅଞ୍ଚଳର ସୁନିଲ ଦତ୍ତା। ପୋଲିସ ସୂଚନା ମୁତାବକ ଶୁକ୍ରବାର ରାତିରେ ଲହଣ୍ଡା ନିକଟରେ ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ ଚାଲିଥିଲା। ଏହି ସମୟରେ ଏକ ନମ୍ବର ବିହୀନ ପଲସରକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବାଇକ୍ ଆରୋହୀଙ୍କ ନିକଟରୁ ଏକ ପିସ୍ତଲ ମିଳିଥିଲା। ପରେ ପୋଲିସ ବାଇକ, ପିସ୍ତଲ ଜବତ କରିବା ସହ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଯୋଡ଼ା ଥାନାରେ କେସ (ନଂ. ୨୮୦/୨୨ ,ଦଫା ୨୫) ଆର୍ମସ ଆକ୍ଟ ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଯୋଡ଼ା ଥାନା ଆଇଆଇସି ଜୟ ନାରାୟଣ ଖଣ୍ଡାଇ ସୂଚନା ଦେଇଛନ୍ତି।

### ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ଚମ୍ପୁଆ,୧।୧୦(ଡି.ଏନ୍.ଏ): ଓଡ଼ିଶା ରକ୍ତଦାନ କେନ୍ଦ୍ର ଆନୁକୂଲ୍ୟରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ହୋଇଯାଇଛି। କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଠାରେ ଥିବା ଓଡ଼ିଶା ରକ୍ତ କେନ୍ଦ୍ର ଦ୍ୱାରା ଆୟୋଜିତ ଦିବସରେ ବହୁ ସ୍ୱେଚ୍ଛାକୃତ ରକ୍ତଦାତା ଯୋଗ ଦେଇଥିଲେ। କେନ୍ଦ୍ରର ଡ. ଜ୍ୟୋତିରଞ୍ଜନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏକ ରାଲି ଆୟୋଜିତ ହୋଇଥିଲା। ରାଲିକୁ ଉପଖଣ୍ଡ ଚିକିତ୍ସାଧିକାରୀ ଡ. ରମାକାନ୍ତ ସାହୁ ଶୁଭାରମ୍ଭ କରିଥିଲେ। ଟେକ୍ନିସିଆନ୍ ଶିବା ବେହେରା ଏହାକୁ ପରିଚାଳନା କରିଥିଲେ।

# ଛତୁଆରେ ଅପମିଶ୍ରଣ ନେଇ ଅସନ୍ତୋଷ

ସାରସକଣା, ୧।୧୦ (ଡି.ଏନ.ଏ.)



ପୋଖରିଡିହା ପଞ୍ଚାୟତରେ ଛତୁଆ ନେଇ ଆସିଥିବା ଗାଡ଼ିକୁ ଅଟକ ରଖିଛନ୍ତି।

■ ଗାଡ଼ିକୁ ଅଟକ ରଖିଲେ ଲୋକେ

■ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ କହିଲେ ମହିଳା, ଶିଶୁ ବିକାଶ ମନ୍ତ୍ରୀ

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ପୋଖରିଡିହା ପଞ୍ଚାୟତରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ବଣ୍ଟନ ପାଇଁ ଆସୁଥିବା ଛତୁଆରେ ଅପମିଶ୍ରଣ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ପୂର୍ବାହ୍ନରେ ଛତୁଆ ନେଇ ଆସିଥିବା ଗାଡ଼ିକୁ ସରପଞ୍ଚ କାଳିପଦ ସିଂଙ୍କ ସମେତ ଗ୍ରାମବାସୀ ଅଟକ ରଖିଥିଲେ। ଖବରପାଇ ଝାରପୋଖରିଆ ଥାନା ସବ୍‌ଇନ୍ସପେକ୍ଟର ମୋନାଲିସା ବେହେରା ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ବୁଝାଶୁଝା କରିବା ସହ ବିଡିଓଙ୍କୁ ଅଭିଯୋଗପତ୍ର ଦେବାକୁ କହିବା ପରେ ସେମାନେ ଗାଡ଼ିକୁ ଛାଡ଼ିଥିଲେ। ସରପଞ୍ଚଙ୍କ କହିବା ମୁତାବକ ଚଳିତମାସ ୧୪ ତାରିଖରେ ସାରସକଣା ପଞ୍ଚାୟତ ସମିତି ବୈଠକରେ ଛତୁଆରେ ଅପମିଶ୍ରଣ କରାଯାଇ ଶିଶୁମାନଙ୍କୁ ଦିଆଯାଉଥିବା ନେଇ ସରପଞ୍ଚ ଓ ସମିତିସଭ୍ୟମାନେ ଅଭିଯୋଗ କରିଥିଲେ। ଏହାର ନମୁନା ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରକୁ ପଠାଯାଇଛି। ଏହାର ଯାଞ୍ଚ ପ୍ରକ୍ରିୟା ସରିବା ପୂର୍ବରୁ ପୁଣି ସେହି ଏସ୍‌ଏଚ୍‌ଜି (ସ୍ୱୟଂ ସହାୟିକା ଗୋଷ୍ଠୀ)କୁ ବଣ୍ଟନ ଦାୟିତ୍ୱ ଦିଆଯିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ଡା. ବୁଢାନ ମୁର୍ମୁଙ୍କ କହିଛନ୍ତି, ସିଡିପିଓ ଫୋନ ମାଧ୍ୟମରେ ଛତୁଆ ବଣ୍ଟନ କରିବାକୁ ଦିଆଯାଉ ବୋଲି ତାଙ୍କୁ ଅନୁମତି ମାଗିଥିଲେ। ମାତ୍ର ସେ ମନା କରିଥିଲେ। ସିଡିପିଓ ଭାନୁମତୀ ବେହେରାଙ୍କୁ ପଚାରିବାରୁ କହିଛନ୍ତି, ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରକୁ ମାନ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିନାହିଁ ଏବଂ କେବେ ଆସିବ ଜଣାନାହିଁ। ସେତେଦିନ ପର୍ଯ୍ୟନ୍ତ କ'ଣ ଛୁଆମାନଙ୍କ ଖାଦ୍ୟ ବନ୍ଦ କରିହେବ। ପରୀକ୍ଷାଗାରରୁ ଅଖାଦ୍ୟ ବୋଲି ରିପୋର୍ଟ ନ ଆସିବା ଯାଏ ଏହାକୁ ଖାଦ୍ୟରେ ଗଣାଯିବ। ଏ ସମ୍ପର୍କରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ଯୋଗାଯୋଗ କରିବାରୁ ଛତୁଆକୁ ନେଇ ଲୋକଙ୍କର କୌଣସି ଅଭିଯୋଗ ରହିଥିଲେ ମନ୍ତ୍ରୀଙ୍କ ଅଫିସ ଏବଂ ଜିଲାପାଳଙ୍କୁ ଅଭିଯୋଗପତ୍ର ପଠାଇଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# 'ଜ୍ଞାନ ପୁସ୍ତକରୁ ନୁହେଁ ଅନୁଭବରୁ ମିଳିଥାଏ'


ଶତାୟୁ ପୁରୁଷ ନେପାଳ ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଖଇରା, ୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ବ୍ଲକ ଶିକ୍ଷକ ସଂଘ ପରିସରରେ ଆନ୍ତର୍ଜାତିକ ନାଗରିକ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଶରତ କୁମାର ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅମ୍ବିକା ଆଶ୍ରମ ସଞ୍ଚାଳକ ଶୁଭେନ୍ଦ୍ର ମୁନୀ ଓ ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ଯୋଗଦେଇ ଜ୍ଞାନ ପୁସ୍ତକରୁ ନୁହେଁ ଅନୁଭବରୁ ମିଳିଥାଏ । ଏଣୁ ବରିଷ୍ଠ ମାନେ ଏଭଳି ଉପାୟରେ ଅର୍ଜିତ ଜ୍ଞାନକୁ ସମାଜ ହିତରେ ଉପଯୋଗ କରିବା ଦରକାର । ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ ବେଦପାଠ, ସମ୍ପାଦକ ମୁକ୍ତିକାନ୍ତ ଶତପଥି ବିବରଣୀ ପାଠ, ଉମେଶ ଚନ୍ଦ୍ର ନାୟକ ମଞ୍ଚ ଆହ୍ୱାନ, ଅନାମ ଚରଣ ପଣ୍ଡା ଅତିଥି ପରିଚୟ, ଆଇନ ପରାମର୍ଶଦାତା ପ୍ରତାପ କୁମାର ପଣ୍ଡା ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ଆଇନ ସହାୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବର୍ଷିଆନ ଶିଳ୍ପୀ, ମଞ୍ଚ କଳାକାର ନେପାଳ ଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜଗଦାନନ୍ଦ ମହାପାତ୍ର, ସୁଦାମ ରାଉତ, ସନ୍ତୋଷ ଶତପଥି, ରଘୁନାଥ ପତ୍ରୀ, ଲୋକନାଥ ପଣ୍ଡା ପ୍ରମୁଖ ସଙ୍ଗଠନର ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ବସନ୍ତ କୁମାର ଖିଲାରଙ୍କ ସମ୍ପାଦନାରେ ପ୍ରସ୍ତୁତ ମୁଖପତ୍ର ବର୍ଷିଆନ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବୁଦ୍ଧିରାମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂତନ କାଜୁଆଲ୍‌ଟି ୱାର୍ଡ, ଆଇସିୟୁ ଶୁଭାରମ୍ଭ


ନୂତନ କାଜୁଆଲଟି ୱାର୍ଡ, ଆଇସିୟୁ, ଏଲଏମଓ ଏବଂ ଥାଇରଏଡ୍ ପରୀକ୍ଷଣ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ଜିଲାପାଳ ବିନୀତ ଭରଦ୍ୱାଜ ।

ବାରିପଦା ଅଫିସ,୧।୧୦

**ପିଆର୍‌ଏମ ମେଡିକାଲ କଲେଜ**

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ୍) ମେଡିକାଲ କଲେଜ ଏବଂ ହସ୍ପିଟାଲରେରେ ନୂତନ କାଜୁଆଲଟି ୱାର୍ଡ ସାଙ୍ଗକୁ ଅତ୍ୟାଧୁନିକ ଆଇସିୟୁ, ଏଲଏମଓ (ଲିକ୍ୟୁଡ୍ ମେଡିକାଲ ଅକ୍ସିଜେନ) ଏବଂ ଥାଇରଏଡ୍ ପରୀକ୍ଷଣ ନିମନ୍ତେ କେନ୍ଦ୍ରୀୟ ଲାବରୋଟାରିର ଶୁଭାରମ୍ଭ ହୋଇଛି । ଏହି ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବାକୁ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଶୁଭାରମ୍ଭ କରି ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବାର ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ଅବସରରେ ଜିଲାପାଳ ଭରଦ୍ୱାଜ କହିଥିଲେ ଯେ ଆଗାମୀ ଦିନରେ ରୋଗୀମାନେ ପ୍ରତ୍ୟେକଟି ସ୍ୱାସ୍ଥ୍ୟ ପରୀକ୍ଷା ନିଶୁଳ୍କ ଭାବେ କରିପାରିବେ ।

ଏଥି ସହ ହସ୍ପିଟାଲ ପରିସର ଭିତରେ ବିଭିନ୍ନ ପରୀକ୍ଷଣ ନିମନ୍ତେ ରୋଗୀମାନଙ୍କୁ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଦୁଇଟି ବ୍ୟାଟେରି ଚାଳିତ ନିଶୁଳ୍କ ଆମ୍ବୁଲାନ୍ସ ସେବା ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପିଆରଏମ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଡ. ପ୍ରତିଭା ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ରୂପଭାନୁ ମିଶ୍ର, ଏଡିଏମଓ ଡ. ନିହାର ରଞ୍ଜନ ଦାସ, ପିଏଆଇଟିଡିଏ ବସନ୍ତ ସେଠୀ, ରେଡିଓଲୋଜିଷ୍ଟ ଡ. ଜ୍ଞାନେନ୍ଦ୍ର ମହାନ୍ତି, ଜିଲା ମ୍ୟାଲେରିଆ ଅଧିକାରୀ ବନମାଳୀ ପ୍ରଧାନ, ହସ୍ପିଟାଲ ମ୍ୟାନେଜର ସମୀର ମହାପାତ୍ର, ବିନୋଦିନୀ ଦାସ ପ୍ରମୁଖଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ବିଶିଷ୍ଟ ଶିଳ୍ପପତିଙ୍କ ପରଲୋକ

ବାଲେଶ୍ୱର ଅଫିସ, ୧।୧୦

ବାଲେଶ୍ୱରର ବିଶିଷ୍ଟ ଶିଳ୍ପପତି ତଥା ସାମାଜିକ କର୍ମୀ ଅମିତ କୁମାର ବେହେରାଙ୍କ ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୬ବର୍ଷ ହୋଇଥିଲା। ଏକ ଘରୋଇ ମେଡ଼ିକାଲରେ ଚିକିତ୍ସାଧୀନ


ଅମିତ କୁମାର ବେହେରା

ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ଲୋକ ସ୍ୱର୍ଗତ ବେହେରାଙ୍କୁ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଝିଅପୁଅ, ଭାଇ ଅରବିନ୍ଦ ବେହେରା ଓ ଅମୀୟ ବେହେରା, ଭଣଜା ଜେଏସପିଏଲ୍ ଜିଏମ ପୁଲିନ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ବେହେରା ମୟୂରଭଞ୍ଜ ଜିଲା ମାଣିତ୍ରୀ ଅଞ୍ଚଳର ବିଶିଷ୍ଟ ଶିକ୍ଷକ ଅନ୍ତର୍ଯ୍ୟାମୀ ବେହେରାଙ୍କ ପୁଅ ଏବଂ ପୂର୍ବତନ ପ୍ରଶାସକ ଡ. ଅରବିନ୍ଦ ବେହେରାଙ୍କ ସାନ ଭାଇ। ବାଲେଶ୍ୱର ଓରିପୋଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ଓ ନୋସି ବାଲେଶ୍ୱର ପ୍ରତିଷ୍ଠାରେ ତାଙ୍କର ଅବଦାନ ଉଲ୍ଲେଖନୀୟ ଥିଲା।

# 'ସମାଜ ପାଇଁ ଅଲୋଡ଼ା ନୁହନ୍ତି ବରିଷ୍ଠ ନାଗରିକ'


ଜଣେ ବୃଦ୍ଧଙ୍କୁ ଚିକିତ୍ସା କରାଯାଉଛି।

ଭଦ୍ରକ ଅଫିସ, ୧।୧୦

ବରିଷ୍ଠ ନାଗରିକମାନେ ନିଜ ପରିବାର ଓ ସମାଜ ପାଇଁ ଅଲୋଡ଼ା ନୁହନ୍ତି। ସେମାନଙ୍କ ଅଭିଜ୍ଞତା, ଅନୁଭୂତି ସମାଜ ପାଇଁ ସବୁବେଳେ ଆଶୀର୍ବାଦ ହୋଇଥାଏ ବୋଲି ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଶନିବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ସାମାଜିକ ସୁରକ୍ଷା ଯୋଜନା ବିଭାଗ ଦ୍ୱାରା ଜିଲାସ୍କୁଲ ସମ୍ମିଳନୀ କକ୍ଷରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ନାଥ ଗମାଙ୍ଗୋ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏସ୍‌ପି ଚରଣ ସିଂ ମୀନା ଓ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରାମଦାସ ଗୁଡୁ, ଉପଜିଲାପାଳ ମନୋଜ ପାତ୍ର, ଜିଲା ମୁଖ୍ୟ ଡାକ୍ତରଖାନାର ଏଡିପିଏଚ୍‌ଓ ଡା. ଭାରତୀ ରାଉତ, ଜିଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୦ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ ଓ କ୍ରୀଡ଼ା ଅଧିକାରୀ ପଦ୍ମନ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହିଦିବସ ପାଳନ ଅବସରରେ ବରିଷ୍ଠ ନାଗରିକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଭେଷଜ, ହୃଦ୍‌ରୋଗ, ଚକ୍ଷୁ, ଅସ୍ଥିଶଲ୍ୟ ଆଦି ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା।

# ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ

ପାଟଣା,୧।୧୦(ସ୍ୱ.ପ୍ର.)



କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ୪ ଜଣ ଶତକ ପାର କରିଥିବା ବରିଷ୍ଠ ନାଗରିକଙ୍କୁ ବରିଷ୍ଠ ନାଗରିକ ଦିବସ ଅବସରରେ ବ୍ଲକ୍ ପ୍ରଶାସନ ସମ୍ବର୍ଦ୍ଧିତ କରିଛି। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଈଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସେଠୀ, ବିଏଲ ଓ ସୁପରଭାଇଜର ପ୍ରମୋଦ ମହାନ୍ତ ଏବଂ ବିଏଲଓ ତିଲୋତ୍ତମା ବେହେରା ପ୍ରମୁଖ ବରିଷ୍ଠ ନାଗରିକଙ୍କ ଘରେ ପହଞ୍ଚି ରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଆୟୋଗ ରାଜୀବ କୁମାରଙ୍କ ଦସ୍ତଖତ ସମ୍ବଳିତ ସାର୍ଟିଫିକେଟ୍ ସହ ଅଙ୍ଗ ବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ବରିଷ୍ଠ ନାଗରିକ ହେଉଛନ୍ତି ବଡ଼ପାଟଣା ପଞ୍ଚାୟତ କୁଆପଶି ଗ୍ରାମର ବୈକୁଣ୍ଠ ମହାନ୍ତ, କଣ୍ଟିଆପଡ଼ା ଗ୍ରାମର ଦୁତୀ ନାଏକ, କୋକିଳ ବେହେରା ଓ କ୍ଷୀରେଇ ଟାଙ୍ଗିରିର ଦୁଃଶାସନ ନାଏକ।

# ଜାତିସଂଘ ଭୂ ସୂଚନା ବିଜ୍ଞାନ କଂଗ୍ରେସ ପାଇଁ ୨ ଶିକ୍ଷାର୍ଥୀ ମନୋନୀତ

ସୋର, ୧।୧୦(ଡି.ଏନ.ଏ.)


ଶିକ୍ଷକ ଅନିରୁଦ୍ଧ ରାଉତଙ୍କ ୨ ଛାତ୍ରୀଛାତ୍ର।

ଚଳିତମାସ ହାଇଦ୍ରାବାଦଠାରେ ଦ୍ୱିତୀୟ ମିଳିତ ଜାତିସଂଘ ବିଶ୍ୱ ଭୂସୂଚନା ବିଜ୍ଞାନ କଂଗ୍ରେସ ଆନୁକୂଲ୍ୟରେ ନିର୍ଦ୍ଧାରିତ ଧାରଣୀୟ ବିକାଶ ଲକ୍ଷ୍ୟ–୫ ଆଧାରିତ ଏକ ପ୍ରକଳ୍ପ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଆୟୋଜିତ ହେବ। ଏଥିରେ ସୋର ବ୍ଲକ ବିଶ୍ୱମ୍ଭରନାଥ ଉଚ୍ଚବିଦ୍ୟାଳୟର ଶିକ୍ଷକ ଅନିରୁଦ୍ଧ ରାଉତଙ୍କ ତତ୍ତ୍ୱାବଧାନରେ ୨ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା ପ୍ରକଳ୍ପ ମନୋନୀତ ହୋଇଛି। କଂଗ୍ରେସ ଆୟୋଜନର ସହାୟକ ସଂସ୍ଥା ପୁନେସ୍ଥିତ ଭାରତୀ ବିଦ୍ୟାପୀଠ ପରିବେଶ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସମ୍ପୃକ୍ତ ଶିକ୍ଷକ ଓ ୨ଜଣ ଛାତ୍ରଙ୍କୁ ଆମନ୍ତ୍ରଣ କରାଯାଇଛି। ଶିକ୍ଷକ ରାଉତ, ସେହି ବିଦ୍ୟାଳୟର ଛାତ୍ର ସିଦ୍ଧିବିନାୟକ ବିଶ୍ୱାଳ ଏବଂ ଛାତ୍ରୀ ସୁଶ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ନାୟକ ଏହି କଂଗ୍ରେସରେ ଯୋଗଦେବେ ବୋଲି ଜଣାଯାଇଛି।

# ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

ନୀଳଗିରି, ୧।୧୦(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଦୁର୍ଗାପୁର ଗ୍ରାମରେ କୁକୁର କାମୁଡ଼ାକୁ ନେଇ ଏକ ଦମ୍ପତିଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି। ଆକ୍ରମଣରେ ଉଭୟ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନଙ୍କୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଗ୍ରାମର ମାନସ ରଞ୍ଜନ ଦାସଙ୍କ ଘର ବାରଣ୍ଡାରେ ଶିଶୁମନ୍ଦିର ପିଲାମାନଙ୍କୁ ଶିକ୍ଷୟିତ୍ରୀ ନମିତା ଦାସ ଟ୍ୟୁଶନ କରୁଥିଲେ। ଉକ୍ତ ଗାଁର ଭଗବାନ ଦାସଙ୍କ କୁକୁର ଟ୍ୟୁଶନ ପଢୁଥିବା ଜଣେ ଆଦିବାସୀ ପିଲାଙ୍କୁ କାମୁଡ଼ିଥିଲା। ଏ ମାନସ ରଞ୍ଜନଙ୍କ ସ୍ତ୍ରୀ ଭଗବତୀ ଶିକ୍ଷୟିତ୍ରୀଙ୍କୁ ପଚାରୁଥିବା ବେଳେ ଭଗବାନ ଦାସ ଏକଥା ଶୁଣି ଭଗବତୀଙ୍କୁ ଗାଳିଗୁଲଜ କରିଥିଲେ। ତାଙ୍କ ସ୍ୱାମୀ ଏକଥା ଶୁଣି ବାରଣ କରିବାରୁ ସେ ଉଭୟ ଦମ୍ପତିଙ୍କୁ ଗାଳି କରିବା ସହିତ ଏକ ଧାରୁଆ କଟୁରୀରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ଆକ୍ରମଣ କରି ବିଭିନ୍ନ ସ୍ଥାନରେ ଆଘାତ କରଥିଲେ। ସେମାନଙ୍କୁ ଗାଁର କେତେଜଣ ଲୋକ ଉଦ୍ଧାର କରି ନୀଳଗିରିକୁ ଆଣି ଚିକିତ୍ସା କରିଛନ୍ତି। ନୀଳଗିରି ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# କୋର୍ଟ ଖୋଲିବା ନେଇ ଜିଲାଜଜ୍‌ଙ୍କ ପରିଦର୍ଶନ

ବନ୍ତ,୧।୧୦(ଡି.ଏନ.ଏ.)


ଜିଲା ଜଜ୍ ପ୍ରଦ୍ୟୁମ୍ନ ନାୟକଙ୍କ ପରିଦର୍ଶନ ବେଳେ ଉପସ୍ଥିତ ପଦାଧିକାରୀ ଓ ଆଇନଜୀବୀ।

ଭଦ୍ରକ ଜିଲା ବନ୍ତଠାରେ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ନେଇ ଜିଲା ଜଜ୍ ପ୍ରଦ୍ୟୁମ୍ନ ନାୟକ ଶନିବାର ପରିଦର୍ଶନ କରିଛନ୍ତି। ଏଠାରେ କୋର୍ଟ ଖୋଲିବା ପାଇଁ ନିର୍ମିତ ଗୃହ ସେ ବୁଲି ଦେଖିବା ସହ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, କୋର୍ଟ ରେଜିଷ୍ଟ୍ରାର ଆକାଶ ଚୌଧୁରୀ, ବିଡିଓ ପ୍ରଦୀପ କୁମାର ସେଠୀ, ତହସିଲଦାର ଅଙ୍କିତା ବାରିକ, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ସାହୁ, ଏସ୍‌ଡିଓ ସୁପର୍ଣ୍ଣା ସୋରେନ, କନିଷ୍ଠ ଯନ୍ତ୍ରୀ କୃଷ୍ଣପଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କୁ ତ୍ୱରିତ୍ ନ୍ୟାୟ ପ୍ରଦାନ ପାଇଁ ବ୍ଲକ ସ୍ତରରେ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ବନ୍ତଠାରେ ଏହି କୋର୍ଟ ଖୋଲିବାକୁ ୨୦୧୬ରେ ଅନୁମତି ମିଳିଥିଲା। ଏଥିନେଇ ୩୫ ଲକ୍ଷ ଟଙ୍କା ବ୍ୟୟରେ ବନ୍ତସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ କୋର୍ଟ ଗୃହ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। ଏହାମଧ୍ୟରେ ୫ବର୍ଷ ବିତି ଯାଇଥିଲେ ମଧ୍ୟ କୋର୍ଟ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଚଳିତମାସ ୨୪ ତାରିଖରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଜିଲା ଜଜ୍‌ଙ୍କ ସମେତ ପଦାଧିକାରୀମାନେ ପରିଦର୍ଶନରେ ଆସିଥିଲେ। ବନ୍ତ ଓକିଲ ସଂଘର ରାଧାକାନ୍ତ ସାହୁ, ବେଣୁଧର ମଲ୍ଲିକ, ମାଧବାନନ୍ଦ ଦାସ, ପରମେଶ୍ୱର ବାରିକ, ସଂଗ୍ରାମ କେଶରୀ ଜେନା, ଅରବିନ୍ଦ ଦାଶ, ଅନନ୍ତ ଗୋପାଳ ଦାସ, ପ୍ରତାପ ସେଠୀ, ସତ୍ୟ ଜେନା, ଜ୍ଞାନଦା ପ୍ରସାଦ କରଶର୍ମା ଓ ଅଣାକର ମଲ୍ଲିକ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା

ବାରିପଦା ଅଫିସ, ୧।୧୦



ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସରେ ମଞ୍ଚାସୀନ ଅତିଥି।

ମୟୂରଭଞ୍ଜ ଜିଲା ପ୍ରଶାସନ ଆନୁକୂଲ୍ୟରେ ବାରିପଦାସ୍ଥିତ ଏମ୍‌କେସି ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ନିଶୁଳ୍କ ମେଗା ସ୍ୱାସ୍ଥ୍ୟଶିବିର ଆୟୋଜନ କରାଯାଇ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ରାଧାକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିଆରଏମ୍ ମେଡିକାଲ କଲେଜ ଓ ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରତିଭା ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରୂପଭାନୁ ମିଶ୍ର, ସମ୍ମାନିତ ଅତିଥି ଭାବେ ବାରିପଦା ସଦର ଏସ୍‌ଡିପିଓ ପ୍ରକାଶ ଜେମ୍‌ସ ଟପ୍ପୋ, ଜିଲା ମ୍ୟାଲେରିଆ ଅଧିକାରୀ ଡା.ଜ୍ଞାନେନ୍ଦ୍ର କୁମାର ମହାନ୍ତି, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା.ସୁନନ୍ଦା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସେମାନଙ୍କୁ ଉପଯୁକ୍ତ ସମୟରେ ଔଷଧ ଯୋଗାଇ ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ କରାଇବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି । ପ୍ରଚାର ପ୍ରସାର ଅଭାବରୁ ଶିବିରରେ ଅଳ୍ପ ସଂଖ୍ୟକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ବାରିପଦା ସହରରୁ ଅଳ୍ପସଂଖ୍ୟକ ବରିଷ୍ଠ ନାଗରିକମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରିଛନ୍ତି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ବିଶିଷ୍ଟ ଉଦ୍‌ଘୋଷକ ପଣ୍ଡିତ ଭାଗବତ ପଣ୍ଡାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଛନ୍ତି । ପିଆରଏମ୍ ମେଡିକାଲର ବିଭିନ୍ନ ବିଭାଗରୁ ୧୮ଜଣ ବିଶେଷଜ୍ଞ ଡାକ୍ତର ଯୋଗଦେଇଥିବା ବେଳେ କର୍ମଚାରୀମାନେ ସହଯୋଗ କରିଥିଲେ।

